# Akashvani, Sambalpur

## SAMBALPURI NEWS BULLETIN

### 20 January 2026 – 6.47- 6.52 am.

*************************************************

ରାଜ୍ୟପାଲ୍ ଆଇ.ଆଣ୍ଡ୍.ପି.ଆର୍

ତାଲିମ୍‌ର ଲକ୍ଷ୍ୟ ଖାଲି ଚାକିରୀ ଖୁଜ୍‌ବାର୍ ନୁହେଁ, ଉଦ୍ୟୋଗୀ ବନାବାର୍ ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦିଆଯିବାର୍ ଉଚିତ୍ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଗଲାକାଏଲ୍ ଲୋକ୍‌ଭବନ୍ ଅଭିଷେକ୍ ହଲ୍ ନ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ୍ ଫେଲୋସିପ୍ କାର୍ଯ୍ୟକ୍ରମ୍‌ର ଅଂଶୀଦାର୍‌ମାନ୍‌କର୍ ସାଙ୍ଗେ ରାଜ୍ୟପାଲ୍ ଆଲୋଚନା କରିକରି ନୂଆଁ ସୃଜନ୍ ଉପ୍‌ରେ ଚିନ୍ତା କର୍‌ବା ଆଉ ଉଦ୍ୟୋଗ୍ ବନାବାର୍ ଲାଗି ସଶକ୍ତ ହେବାର୍ ବାବ୍‌ଦେ ପରାମର୍ଶ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ୍ ଫେଲୋସିପ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସର୍ ନ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ୍ ଫେଲୋସିପ୍ କାର୍ଯ୍ୟକ୍ରମ୍‌ର ୩ ନମ୍ବର୍ ଏକାଡେମିକ୍ ଫୋରମ୍ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଶିକ୍ଷ୍ୟ ଆଉ ଦକ୍ଷତା ବିକାଶ୍

ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଇତାର୍ ଉଦ୍‌ଘାଟନ୍ କରିକରି ଇ କାର୍ଯ୍ୟକ୍ରମ୍ ଜିଲ୍ଲାସ୍ତର୍ ନ ଯୁବ ପେଶାଦାର୍‌ମାନ୍‌କୁ କାମ୍‌ଥି ଲଗେଇକରି ଅଲଗ୍ ଅଲଗ୍ ଥିବା ଦକ୍ଷତା ଶାସନ୍ ପ୍ରକ୍ରିୟାକେ ଆହୁରି ବର୍‌କସ୍ କରିଛେ ବଲି କହିଛନ୍ । କାର୍ଯ୍ୟକ୍ରମ୍ ବିକଶିତ ଓଡ଼ିଶା-୨୦୩୬ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦିଗେ ସାହାଜ୍ କର୍‌ବା ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।

ରାଜସ୍ୱ ଆଇନ୍ ସଂଶୋଧନ୍ ଚିଠା ଆର୍‌ଏନ୍‌ୟୁ/ ସମ୍ବଲପୁର

ଖୋବ୍ ଜଲ୍‌ଦି ରାଜ୍ୟର୍ ୪୫ ବଛର୍ ପୁର୍‌ନା ରାଜସ୍ୱ ଆଇନ୍‌କେ ସଂଶୋଧନ୍ କରିକରି ତାର୍ ଜାଗା ନ ନୂଆଁ ଆଇନ୍ କାର୍ଯ୍ୟକାରୀ କରାଯିବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର ଲୋକ୍‌ସେବା ଭବନ୍ ନ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଇ ବାବଦ୍ ଗୁଟେ ଜରୁରୀ ବୈଠକ୍ ହେଇଥିଲା । ବୈଠକ୍‌ଥି ପ୍ରସ୍ତାବିତ୍ ନୂଆଁ ରାଜସ୍ୱ ଆଇନ୍‌ର ଚିଠା ବିଲ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ବୈଠକ୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଖୋବ୍ ଜଲ୍‌ଦି ରାଜ୍ୟ ସର୍‌କାର୍ ଓଡ଼ିଶା ପ୍ରିଭେନ୍‌ସନ୍ ଅଫ୍ ଲେଣ୍ଡ୍ ଏନ୍‌କ୍ରୋଚ୍‌ମେଂଟ୍ ଅଧିନିୟମ୍ ଆଉ ଓଡ଼ିଶା ଗଭର୍‌ମେଂଟ୍ ଲେଣ୍ଡ୍ ସେଟଲ୍‌ମେଂଟ୍ ବାଗିର୍ ୨ ଟା ଆଇନ୍‌କେ ନେଇକରି ଗୁଟେ ଆଇନ୍ କର୍‌ବାର୍‌କେ ଯାଉଛନ୍ । ଇତାର୍ ଜାଗା ନ ଓଡ଼ିଶା ଗଭରମେଂଟ୍

ଲେଣ୍ଡ ମେନେଜ୍‌ମେଂଟ୍ ଲାଗୁ କରାଯିବା । ନୂଆଁ ଆଇନ୍ ଲାଗି ଚିଠା ଭିଲ୍ ତିଆର୍ ସରିଛେ ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ଅବସରପ୍ରାପ୍ତ ପୁଲିସ୍ -ପୁନଃନିଯୁକ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୮ ଶହ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀଙ୍କୁ ଫେର୍‌ଘାଏ ନିଯୁକ୍ତି ଦିଆଯିବା । ଏଏସ୍‌ଆଇ, ଏସ୍‌ଆଇ, ଇନ୍ସପେକ୍ଟର୍ ପାହ୍ୟାର୍ ର ଅଧିକାରୀମାନ୍‌କୁ ସ୍ୱତନ୍ତ୍ର ପୁଲିସ୍ ଅଧିକାରୀ- ଏସ୍‌ପିଓ ଭାବେ ବଛର୍‌କିଆ ଠିକା ଭିତିଥି ନିଯୁକ୍ତି ଦିଆଯିବା । ଇ ବାବଦ୍ ପ୍ରସ୍ତାବ୍‌କେ ରାଜ୍ୟ ସର୍‌କାର୍ ଅନୁମୋଦନ୍ କରିଛନ୍ । ତାର୍ ଉତ୍‌ରୁ ଗୃହ ବିଭାଗ୍ ତର୍‌ଫୁ ପୁଲିସ୍ ମହାନିର୍ଦ୍ଦେଶକ ଆଉ ଆଇଜିଙ୍କୁ ଚିଠି ଜରିଏ ନିର୍ଦ୍ଦେଶ୍ ଦିଆଯାଇଛେ ।

ମହାରାଷ୍ଟ୍ର ପ୍ରତିନିଧି ଦଲ୍ - ଓଡ଼ିଶାଗସ୍ତ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ଗସ୍ତଥି ଆସିଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଲୟର୍ ୫ ଝନିଆ ପ୍ରତିନିଧି ଦଲ୍ ଗଲାକାଏଲ୍ ପଂଚସଖା ଶିକ୍ଷାସେତୁ ସଂଗଠନ କାର୍ଯ୍ୟାଲୟ ପରିଦର୍ଶନ୍ କରିଛନ୍ । ପୁରାତନ୍ ଛାତ୍ରଛାତ୍ରୀମାନ୍‌କର୍ ସହେତେ ଭିନ୍ ଭିନ୍ ଗୋଷ୍ଠୀ, ସମ୍ପ୍ରଦାୟର୍ ସହଯୋଗ୍‌ଥି ବିଦ୍ୟାଲୟ ମାନ୍‌କର୍ ସର୍ବାଙ୍ଗୀନ୍ ବିକାଶ୍ କରାଯାଉଥିବା କାର୍ଯ୍ୟକ୍ରମ୍‌କେ

ପ୍ରତିନିଧିମାନେ ଖୋବ୍ ପ୍ରଶଂସା କରିଛନ୍ । ତାର୍ ଉତ୍ରୁ ଗୁଟେ ବୈଠକ୍ ଜରିଏ ପଂଚସଖା ଶିକ୍ଷାସେତୁ ଅଧୀନ୍ଥି ନିଆଯାଉଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍ଦେ ଜାନିଥିଲେ । ଉପର୍ବେଲା ପ୍ରତିନିଧି ଦଲ୍ ବଡ଼ଗଡ଼ ଉଚ୍ଚବିଦ୍ୟାଲୟ ଆଉ ବନ୍ମାଲୀପୁର୍ କୁଶଭଦ୍ର ଉଚ୍ଚବିଦ୍ୟାଲୟ ବୁଲିକରି ବିଦ୍ୟାଲୟ ବିକାଶ୍ ପ୍ରକଳ୍ପ ମାନ୍କୁ ବୁଲି ଦେଖିଥିଲେ ।

ଗୁରୁ ପଦ୍ମସମ୍ଭବ ସମାରୋହ ଆଇ.ଆଣ୍ଡ୍.ପି.ଆର୍

ଯାଜ୍ପୁର୍ ଜିଲ୍ଲା ଲଲିତ୍ଗିରିଠାନେ ଚାଲିଥିବା ବୌଦ୍ଧ ଧର୍ମର୍ ୩ ନମ୍ବର୍ ଗୁରୁ ପଦ୍ମସମ୍ଭବ ସମାରୋହଥି ଦେଶ୍ବିଦେଶ୍ନୁ ବହୁତ୍ ବୌଦ୍ଧ ଭିକ୍ଷୁ ଆଧ୍ୟାତ୍ମିକ ସାଧକ ଆଉ ବୌଦ୍ଧ ଧର୍ମାବଲମ୍ବୀ ମାନେ ଯୋଗ୍ ଦେଇଛନ୍ । ଇ ଅବ୍ସରେ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥାନ୍ - ଏଏସ୍ଆଇ ତର୍ଫୁ ଠାବ୍ ହେଇଥିବା ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର୍ ପବିତ୍ର ଆଉ ବିରଳ ବୌଦ୍ଧ ଅବଶେଷ୍କେ ସର୍ବସାଧାରଣ୍ଙ୍କର୍ ଦର୍ଶନ୍ ଲାଗି ପ୍ରଦର୍ଶନ୍ କରାଯାଇଛେ । ପ୍ରତ୍ନତତ୍ୱ ବିଭାଗ୍, ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ଆଉ ସଂସ୍କୃତି ବିଭାଗ୍ ତର୍ଫୁ କରାଯାଇଥିବା ଇ ଅବଶେଷ୍ ପ୍ରଦର୍ଶନ୍ ପଦକ୍ଷେପ୍ ଓଡ଼ିଶାର୍ ସମୃଦ୍ଧ ବୌଦ୍ଧ ଐତିହ୍ୟର୍ ସଂରକ୍ଷର୍ ଆଉ ପ୍ରଚାର୍ ପ୍ରଚାର୍କେ ଦର୍ଶଉଛେ ।

ଚାଖୀ ଖୁଂଟିଆ ଜୟନ୍ତୀ ଆଇ.ଆଣ୍ଡ୍.ପି.ଆର୍

ମହାନ୍ ବିପ୍ଲବୀ ଚନ୍ଦନ୍ ହଜୁରୀ ଚାଖୀ ଖୁଂଟିଆଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ଆଏଜ୍ ପାଲନ୍ କରାଯିବା । ଇ ଅବ୍ସରେ ସଖାଲ୍ବେଲା ଭୁବ୍ନେଶ୍ୱର୍ର କଳ୍ପନା ଛକ ଠାନେ ଚାଖୀ ଖୁଂଟିଆଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯିବାର୍ ସହେତେ ବେଲ୍ବୁଢ଼େ ଜୟଦେବ୍ ଭବନ୍ ଠାନେ ଗୁଟେ ସାଧାରଣ୍ ସଭା ହେବା । କାର୍ଯ୍ୟକ୍ରମ୍ଥି ପୁରୀ ଆଉ ଭୁବ୍ନେଶ୍ୱର୍ର ବିଧାୟକ୍ମାନେ ଉପସ୍ଥିତ୍ ରହେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସମ୍ବଲ୍ପୁରୀ ଧନୁଯାତ୍ରା ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ନ ଚାଲିଥିବା ସମ୍ବଲ୍ପୁରୀ ଧନୁଯାତ୍ରା ମହୋତ୍ସବ୍ଥି ଗଲାକାଏଲ୍ ମଥୁରା ନଗରୀ ନ ମହାରାଜ୍ କଂସଙ୍କର୍ ଅତ୍ୟାଚାର୍ଥି ଲୁକେ ଥରହର ହେବାର୍ ଦୃଶ୍ୟ ଅଭିନୟ କରାଯାଇଥିଲା । କୃଷ୍ଣ, ବଲରାମ୍ ଜନମ୍ ଦୃଶ୍ୟ ଭିଲ୍ ମଂଚସ୍ଥ ହେଇଥିଲା । ଆଏଜ୍ଠାନୁ ଗୋପପୁର ହେଇଥିବା ଚାଉଁର୍ପୁର୍ ନ କୃଷ୍ଣ, ବଲରାମ୍ଙ୍କର୍ ବାଲ୍ୟଲୀଳା ଦେଖିବାର୍କେ ମିଲ୍ବା ।

ସଚେତନତା କାର୍ଯ୍ୟକ୍ରମ୍ ଝାର୍ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଗଲାକାଏଲ୍ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କୃତ୍ରିମ ବୁଦ୍ଧମତା ବେଭାର୍ କରିକରି ସୁପ୍ରିମ୍‌କୋର୍ଟଙ୍କର୍ ବିଚାର୍ ମାନ୍‌କର୍ ଅନୁବାଦ୍, ଓଡ଼ିଶା ହାଇକୋର୍ଟ ଭିଡ଼ିଓ କନ୍‌ଫରେନ୍ସିଂ ଅଧିନିୟମ୍‌ର ଉପକାରିତା, ମଧସ୍ଥତା ଅଧିନିୟମ୍ ୨୦୦୭, କର୍ମକ୍ଷେତ୍ର ନ ମହିଲାମାନ୍‌କୁ ଯୌନ ନିର୍ଯ୍ୟାତନା ନିୟମ୍ ବାଗିର୍ ଭିନ୍ ଭିନ୍ ବିଷେଥି ସଚେତନ୍ କରାଯାଇଥିଲା ।

ବଲାଙ୍ଗିର୍ ଲୋକ୍‌ମହୋତ୍ସବ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ କୋଶଲ୍ କଲାମଣ୍ଡଲ୍ ପଡ଼ିଆ ନ ଗଲାକାଏଲ୍ ବଲାଙ୍ଗିର୍ ଲୋକ୍‌ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ୫ ଦିନିଆ ମହୋତ୍ସବ୍‌ର ଉଦ୍‌ଘାଟନୀ ସମାରୋହଥି ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ୍ ନିରଞ୍ଜନ୍ ବିଶି ଯୋଗ୍ ଦେଇକରି ବଲାଙ୍ଗିର୍ ଜିଲ୍ଲା କଳା, ସଂସ୍କୃତି, ପରମ୍ପରାର୍ ଆଉ ଐତିହାସିକ୍ ବୈଭବ୍ ଭର୍‌ପୁର୍ ମାଏଟ୍ ଆଏ ବଲି କହିଛନ୍ । ଇ ଅବ୍‌ସରେ ଜିଲ୍ଲାପାଲ୍ ଗୌରବ୍ ଶିୱାଜୀ ଇସଲ୍‌ୱାର୍, ଆରକ୍ଷୀ ଅଧିକ୍ଷକ୍ ଅଭିଳାସ୍ ଜି. ପ୍ରମୁଖ ଉପସ୍ଥିତ୍ ଥିଲେ । ଲୋକ୍ ମହୋତ୍ସବ୍ ସହେତେ ପଲ୍ଲିଶ୍ରୀ ମେଳା ଭିଲ୍ ଉଦ୍‌ଘାଟିତ୍ ହେଇଯାଇଛେ ।

ମିଶନ୍ ଏ-ୱାନ୍ ସ୍ୱତନ୍ତ୍ର ତାଲିମ୍ ଶିବିର          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବୁଟୁପାଲି ଜନାକୀ ଉଚ୍ଚବିଦ୍ୟାଳୟ ନ ଜିଲ୍ଲା ଶିକ୍ଷା ବିଭାଗ୍ ତର୍ଫୁ ୩ ଦିନିଆ ମିଶନ୍ ଏ-ୱାନ୍ ସ୍ୱତନ୍ତ୍ର ତାଲିମ୍ ଶିବିର୍ ଆୟୋଜିତ୍ ହେଇଯାଇଛେ । ଶିବିର୍‌ଥି ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍‌ଲାଲ୍ ଦୁବେ ଅଧ୍ୟକ୍ଷତା କରିଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ବିଭାଗ୍‌ର ଶିକ୍ଷକ୍‌ମାନେ ଛାତ୍ରଛାତ୍ରୀମାନ୍‌କୁ ପ୍ରଶିକ୍ଷଣ୍ ଦେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୨ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିକରି ଶୀତ୍ ଆହୁରି କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍‌ନା ଦିଆଯାଇଛେ ।

ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ୧୫ ଟା ଜିଲ୍ଲା ନ ହାଲ୍‌ନା ନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ଦେଖାଯିବା ବଲି କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।